

# ଫେଲ୍ ମାରିଲା ଦିବ୍ୟାଙ୍ଗଙ୍କ 'ଇ-ଆମ ବସ୍' ସ୍ୱପ୍ନ

■ ବସ୍‌ରେ ରହିଥାଆନ୍ତା 'ଲୋ-ଫ୍ଲୋର୍ ଡୋର୍' ଓ ଲିଫ୍ଟ ବ୍ୟବସ୍ଥା

■ ୧୦୦% ଦୃଷ୍ଟିବାଧିତ ଓ ୫୦% ମାନସିକ ଅନଗ୍ରସର ଯାତ୍ରୀଙ୍କ ପାଇଁ ହୋଇଥାନ୍ତା ମାଗଣା ଯାତାୟାତ



କଟକ, ୨୬।୪ (ସମିସ): କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ଦିବ୍ୟାଙ୍ଗଙ୍କ ପାଇଁ ଏକ ଅଭିନବ ଯୋଜନା କାର୍ଯ୍ୟକାରୀ କରିବାକୁ ଯୋଜନା କରିଥିଲା। ଏହି ଯୋଜନାରେ କଟକ-ଭୁବନେଶ୍ୱର ସହରରେ ଭିନ୍ନକ୍ଷମଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥାଯୁକ୍ତ ନୂତନ ଇଲେକ୍ଟ୍ରିକ୍ ବସ୍ ଚଳାଚଳ କରିଥା'ନ୍ତା। ଏଥିରେ ସାଧାରଣ ଯାତ୍ରୀ ବି ଯାତାୟାତ କରିବାର ବ୍ୟବସ୍ଥା କରାଯାଇଥିଲା। ଦିବ୍ୟାଙ୍ଗଙ୍କ ପାଇଁ ସାଧାରଣ ସିଟ୍‌କୁ ଛାଡ଼ି ସ୍ୱତନ୍ତ୍ର ସିଟ୍‌ର ବ୍ୟବସ୍ଥା କରାଯିବାର ଥିଲା। ବସ୍‌ରେ ଚଢ଼ିବା ଓ ଓହ୍ଲାଇବା ନିମନ୍ତେ ଲିଫ୍ଟ ବ୍ୟବସ୍ଥା କରାଯିବା ସହ ଜଣେ ଦିବ୍ୟାଙ୍ଗ ବିନା ସାହାରାରେ ସିଧାସଳଖ ଭାବେ ବସ୍ ମଧ୍ୟକୁ ଯାଇ ପାରିବେ ଏବଂ ଓହ୍ଲାଇ ପାରିବା ଭଳି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ବାହାର ରାଜ୍ୟ ଭଳି ଓଡ଼ିଶାରେ ସ୍ୱତନ୍ତ୍ର ଲିଫ୍ଟ ବ୍ୟବସ୍ଥା ଥିବା 'ଲୋ ଫ୍ଲୋର୍' ବସ୍ ଚଳାଚଳ କରିବାକୁ ଯୋଜନା ହୋଇଥିଲା।

ପୂର୍ବରୁ କ୍ରୁଟ୍ ଚଳାଉଥିବା ବସ୍‌ଗୁଡ଼ିକରେ ଯଦିଓ ଭିନ୍ନକ୍ଷମଙ୍କ ନିମନ୍ତେ ଟିକେଟ୍‌ରେ ରିହାତି ଓ ସ୍ୱତନ୍ତ୍ର ସିଟ୍‌ର ବ୍ୟବସ୍ଥା ରହିଥିଲା, ଏହା ଶତପ୍ରତିଶତ ସଫଳ ହେଉନଥିଲା। କ୍ରୁଟ୍ ପକ୍ଷରୁ ଘୋଷଣା କରାଯାଇଥିଲା ଯେ ୧୦୦ ପ୍ରତିଶତ ଦୃଷ୍ଟିବାଧିତ ଓ ୫୦ପ୍ରତିଶତ ମାନସିକ ଅଗ୍ରସର ଦିବ୍ୟାଙ୍ଗଙ୍କ ପାଇଁ ବସ୍‌ଯାତ୍ରା ସମ୍ପୂର୍ଣ୍ଣ ମାଗଣା ରଖାଯିବ। ସେହିପରି, ୧୦୦ ପ୍ରତିଶତ ଅର୍ଥପେଡିକ୍ ଦିବ୍ୟାଙ୍ଗଙ୍କ ନିମନ୍ତେ ଟିକେଟ୍‌ରେ ୫୦%ରିହାତି ବ୍ୟବସ୍ଥା, ସ୍ୱତନ୍ତ୍ର ଭାବେ ଏଚ୍‌ଆଇଭି ତଥା ଏଡସ୍ ରୋଗୀଙ୍କ ନିମନ୍ତେ ମାଗଣାରେ ବସ୍‌ରେ ଯାତାୟାତ କରିବାର ବ୍ୟବସ୍ଥା, ଶ୍ରବଣବାଧିତ ଦିବ୍ୟାଙ୍ଗଙ୍କ ନିମନ୍ତେ ସମ୍ପୂର୍ଣ୍ଣ ମାଗଣାରେ ଯାତାୟାତ କରିବାର ଯୋଜନା ହୋଇଥିଲା। ଯେଉଁ ଦିବ୍ୟାଙ୍ଗ ଆଦୌ ଛିଡ଼ା ହୋଇପାରନ୍ତି ନାହିଁ, ସେମାନଙ୍କ ନିମନ୍ତେ ଏହି ବସ୍‌ରେ ଥିବା ସ୍ୱତନ୍ତ୍ର ଡୋର୍ ଖୋଲିବା ପରେ ଏକ ଲିଫ୍ଟ ବାହାରକୁ ରାସ୍ତା ସହ ସମାନ୍ତରାଳ ଭାବେ ସଂଯୋଗ ପାଇଁ ବ୍ୟବସ୍ଥା କରାଯାଇଥା'ନ୍ତା। ଫଳରେ ଅତି ସହଜରେ ଦିବ୍ୟାଙ୍ଗମାନେ ବସ୍ ମଧ୍ୟକୁ ଚଢ଼ି ପାରିଥା'ନ୍ତେ। ପ୍ରଥମଥର ପାଇଁ କ୍ରୁଟ୍ ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯାଉଥିବା ଘୋଷଣା କରିଥିଲା। ହେଲେ, ଏବେ ଏହି ଯୋଜନାକୁ ବନ୍ଦ କରି ଦିଆଯାଇଛି। ଆଉ ଦିବ୍ୟାଙ୍ଗଙ୍କ ପାଇଁ କ୍ରୁଟ୍ ସ୍ୱତନ୍ତ୍ର ବସ୍ ଚଳାଚଳ କରିବ ନାହିଁ ବୋଲି ଜଣାପଡ଼ିଛି।

ପ୍ରାପ୍ତ ସୂଚନା ଅନୁସାରେ, କଟକ ସହରରେ ଚାଲୁଥିବା ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଥିବା ଆମ ବସ୍ ରୁଟ୍ ନମ୍ବର-୧୭ (ଏୟାରପୋର୍ଟରୁ ବାରବାଟୀ ଷ୍ଟାଡିୟମ), ରୁଟ୍ ନମ୍ବର-୧୦(ଏୟାରପୋର୍ଟରୁସିଡିଏବିଜୁପଟ୍ଟନାୟକ ପାର୍କ), ରୁଟ୍-୧୬(ଭୁବନେଶ୍ୱର ରେଳ ଷ୍ଟେସନ୍‌ଠାରୁ ବିଜୁପଟ୍ଟନାୟକ ପାର୍କ), ରୁଟ୍-୧୮ (ବରମୁଣ୍ଡାରୁ ଜଗତପୁର), ରୁଟ୍-୧୯ (ଓଏମ୍‌ପିରୁ ଏମ୍ସ), ରୁଟ୍-୮୦(ସିଡିଏ ବିଜୁପଟ୍ଟନାୟକ ପାର୍କରୁ ଚାରବାଟିଆ), ରୁଟ୍-୮୧(ବାରବାଟୀ ଷ୍ଟାଡିୟମରୁ ସାଲେପୁର) ଏବଂ ରୁଟ୍-୮୩(ଧବଳେଶ୍ୱରରୁ କନ୍ଦରପୁର-ଭାୟା ୪୨ମୌଜା)ରେ ପ୍ରଥମେ ଚଳାଚଳ କରିବାକୁ ରୋଡ୍ ମ୍ୟାପ୍ ଓ ରୁଟ୍ ଚାଟ୍ କରାଯାଇଥିଲା। କିନ୍ତୁ, ଶେଷ ପର୍ଯ୍ୟାୟରେ ଏହି ଯୋଜନାକୁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି।

# ପୁଣି ଧର୍ମାନୁଷ୍ଠାନରେ ନାବାଳିକା ବିବାହ

ଭୁବନେଶ୍ୱର, ୨୬।୪ (ସମିସ): ରାଜଧାନୀର ଧର୍ମାନୁଷ୍ଠାନରେ ପୁଣି ନାବାଳିକା ବିବାହ ହୋଇଥିବା ଜଣାପଡ଼ିଛି। ଚକେଇସିଆଣି ଅଞ୍ଚଳରେ ଥିବା ସାଇ ମନ୍ଦିରରେ ଏଭଳି ନାବାଳିକା ବିବାହ ଆୟୋଜିତ ହୋଇଛି। ଖବର ପାଇ ପୁଲିସ ଏବଂ ରୁଚିକା ସମାଜ ମଙ୍ଗଳ ଅନୁଷ୍ଠାନର କର୍ମକର୍ତ୍ତାମାନେ ଥାନାରେ ଏତଲା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ନାବାଳିକାଙ୍କ ବୟସ ୧୭ବର୍ଷ। ତାଙ୍କୁ ନୟାଗଡ଼ ଅଞ୍ଚଳର ଜଣେ ୨୪ ବର୍ଷୀୟ ଯୁବକ ସହିତ ବିବାହ କରାଯାଇଛି। ସାଇ ମନ୍ଦିରରେ ଲୁଚାଇ ବିବାହ କରିବା ପରେ ତାଙ୍କୁ ନୟାଗଡ଼ ପଠାଇ ଦିଆଯାଇଛି। ଦିନ ପ୍ରାୟ ୧୨ଟା ବେଳେ ଏହି ବିବାହ ସମ୍ପନ୍ନ ହୋଇଛି। ମିଳିଥିବା ସୂଚନା ମୁତାବକ ନାବାଳିକାଙ୍କୁ ପରିବାର ଲୋକେ ବିବାହ କରାଇ ଦେବେ ବୋଲି ସ୍ଥାନୀୟ ଅଞ୍ଚଳରେ ଖୁବ୍ ଚର୍ଚ୍ଚା ହୋଇଥିଲା। ଏ ନେଇ ନିକଟସ୍ଥ ଅଙ୍ଗନବାଡ଼ି କର୍ମୀ ଏବଂ ସୁପରଭାଇଜର ପରିବାର ଲୋକଙ୍କୁ ଯାଇ ବୁଝାସୁଝା କରିଥିଲେ। ଏଭଳି ବିବାହ ବେଆଇନ୍ ବୋଲି ବୁଝେଇବା ପରେ ମଧ୍ୟ ପରିବାର ଲୋକେ ମନ୍ଦିରରେ ବିବାହ କରାଇଦେଇଥିଲେ।

ରବିବାର ବିବାହ ଜଣାପଡ଼ିବା ପରେ ସେହି ଅଞ୍ଚଳର ବାଲ୍ୟ ବିବାହ ନିରୋଧ ଅଧିକାରୀ ଓ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ବର ପକ୍ଷକୁ ଖବର ଦିଆଯାଇଥିଲା। ପ୍ରଶାସନିକ ହସ୍ତକ୍ଷେପ ଫଳରେ ଏବେ ନାବାଳିକା ଓ ବର ଚକେଇସିଆଣିକୁ ଫେରିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ସରକାର ବାଲ୍ୟ ବିବାହ ନିରୋଧ ପାଇଁ ଏତେ ଆଇନ ପ୍ରଣୟନ କରି ସବୁ ଧର୍ମୀୟ ସ୍ଥାନକୁ ବାଲ୍ୟବିବାହ ମୁକ୍ତ କରିଥିଲେ ମଧ୍ୟ କେଉଁ ପରିସ୍ଥିତିରେ ମନ୍ଦିର କର୍ତ୍ତୃପକ୍ଷ ବାଲ୍ୟ ବିବାହ କରାଇବାକୁ ଅନୁମତି ଦେଲେ, କାହିଁକି ମନ୍ଦିର କର୍ତ୍ତୃପକ୍ଷ ଏଭଳି ଆଇନ୍‌କୁ ଭ୍ରୂକ୍ଷେପ କରୁ ନାହାନ୍ତି ବୋଲି ପ୍ରଶ୍ନ କରାଯାଇଛି। ଏହାକୁ ବିରୋଧ କରି ରୁଚିକା ପକ୍ଷରୁ ଥାନାରେ ଏତାଲା ଦିଆଯିବ ବୋଲି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡଃ. ବେଣୁଧର ସେନାପତି ସୂଚନା ଦେଇଛନ୍ତି।



# ଟ୍ରକ୍‌ରୁ ଲଙ୍କା ବସ୍ତା ପଡ଼ି ରାସ୍ତା ଜାମ୍

କଟକ,୨୬।୪(ସମିସ): ମଧୁପାଟଣା ଥାନା ଅନ୍ତର୍ଗତ କଟକ-ମଧୁପାଟଣା ହାଇୱେ ସନ୍ନିକଟ ରେଲୱେ ବ୍ରିଜ୍ (କଟକ- ପାରାଦୀପ) ଉପରେ ଗତକାଲି ବିଳମ୍ବିତ ରାତ୍ରି ପ୍ରାୟ ସାଢ଼େ ଦୁଇଟା ସୁଦ୍ଧା ଆନ୍ଧ୍ରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଲଙ୍କା ବୋଝେଇ ଟ୍ରକରୁ ୨୦ରୁ ଅଧିକ ବସ୍ତା ରାସ୍ତା ଉପରେ ଗଳିପଡିଥିଲା। ଟ୍ରକ୍‌ଟି ଓଭରଲୋଡ୍ କରି ଲଙ୍କା ବସ୍ତା ଆଣୁଥିବା ବେଳେ ଭାରସାମ୍ୟ ହରାଇ ବସ୍ତା ଗୁଡ଼ିକ ରାସ୍ତା ଉପରେ ପଡ଼ିଯାଇଥିଲା। ଏଥି ଯୋଗୁଁ ଶହ ଶହ ସଂଖ୍ୟାରେ ଗାଡି ହାଇୱେ ଉପରେ ଜାମ୍ ହୋଇଯାଇଥିଲା, ଏହା ପରେ ମଧୁପାଟଣା ଥାନା ପୁଲିସ ଓ ଆରପିଏଫ୍‌ର ମିଳିତ ଉଦ୍ୟମରେ ରାତି ସାଢ଼େ ଚାରିଟାରେ ଟ୍ରକ୍‌ଟି ସ୍ଥାନାନ୍ତର କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ବିଧାନସଭା ପରିସରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

ଭୁବନେଶ୍ୱର,୨୬।୪(ସମିସ): ଉତ୍କଳର ଏକତୀକରଣର କର୍ଣ୍ଣଧାର, ସାହିତ୍ୟାନୁରାଗୀ, ସୁଶାସକ ତଥା ପ୍ରଜାବତ୍ସଳ, ଦାନବୀର ରୂପେ ସର୍ବଜନବିଦିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଉତ୍କଳମାତାର ସେବାରେ ନିଜକୁ ନିୟୋଜିତ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଉତ୍କଳ ସମ୍ମିଳନୀ ଓ ପୂଜ୍ୟପୂଜା ସଂସଦର ସଦସ୍ୟବୃନ୍ଦ, ପାରଳା ଗଜପତି ବିକାଶ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା।



# ଚିରନ୍ତନ ବିକାଶ ଓ ପର୍ଯ୍ୟାବରଣ କର୍ମଶାଳା



ଭୁବନେଶ୍ୱର,୨୬।୪(ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶା ତରଫରୁ ଦତ୍ତୋପନ୍ତ ଠେଙ୍ଗଡି ବିଚାର ପ୍ରବାହ ଆନୁକୂଲ୍ୟରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଠାରେ ଚିରନ୍ତନ ବିକାଶ ଓ ପର୍ଯ୍ୟାବରଣ ଉପରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାର ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସଂଯୋଜକ ଅରୁଣ କୁମାର ଓଝା ଯୋଗ ଦେଇଥିଲେ। ଭାରତୀୟ ମଜଦୁର ସଂଘର ପ୍ରାକ୍ତନ ସଂଗଠନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମିଶ୍ର ମହାନ ଅର୍ଥନୀତିଜ୍ଞ ଦତ୍ତୋପନ୍ତ ଠେଙ୍ଗଡିଙ୍କ ଜୀବନ ଓ ବିଚାର ଉପରେ ଆଲୋକପାତ କରିଥିଲେ। ଆଇଆଇଟି ଗୌହାଟିର ପ୍ରାଧ୍ୟାପକ ଶୁଭାଶିଷ ଦତ୍ତ ଜଳର ସଦୁପଯୋଗ, ସଂରକ୍ଷଣ ଉପରେ ନିଜର ମତ ରଖିଥିଲେ। ଯାଦବପୁର ୟୁନିଭରସିଟି, ପଶ୍ଚିମବଙ୍ଗର ଅବସରପ୍ରାପ୍ତ ବୈଜ୍ଞାନିକ ତୁଷାରକାନ୍ତ ଚକ୍ରବର୍ତ୍ତୀ ଅକ୍ଷୟ ଶକ୍ତିର ବିକାଶ ତଥା ସବୁଜ ଶକ୍ତିର ବ୍ୟବହାର ଏବଂ ପ୍ରକୃତିକୁ ପ୍ରଦୂଷିତ କରୁଥିବା ଶକ୍ତିର ଉତ୍ସମାନଙ୍କୁ ସମାପ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଓୟୁଏଟିର ପ୍ରାକ୍ତନ ଅଧ୍ୟକ୍ଷ କୁମ୍ଭକର୍ଣ୍ଣ ରାଉତ ନିଜର ମତବ୍ୟକ୍ତ କରିଥିଲେ। ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ ସହରୀକରଣର ପରିବେଶ ପ୍ରଭାବ ଉପରେ ବିଚାର ପ୍ରକଟକରି ଅପରିକଳ୍ପିତ ସହରୀକରଣର ଭବିଷ୍ୟତ ପିଢ଼ି ଉପରେ ପ୍ରଭାବ ବିଷୟରେ ମତ ପ୍ରକଟ କରିଥିଲେ। ବିଶ୍ୱ ଇଞ୍ଜିନିୟରିଂ ଫେଡେରେସନର ପ୍ରାକ୍ତନ ସଭାପତି ଅଶୋକ କୁମାର ପାଣ୍ଡା, ପ୍ରାକ୍ତନ ରାଷ୍ଟ୍ରୀୟ ସହସଂଯୋଜକ ସରୋଜ ମିତ୍ର ପ୍ରମୁଖ ଉପସ୍ଥିତ ରହି ମତ ପ୍ରକାଶ କରିଥିଲେ।

# ଚୌଦ୍ୱାର-କଟକ ବିଜେଡିର ସାଂଗଠନିକ ସମୀକ୍ଷା




କଟକ,୨୬।୪(ସମିସ): ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ସାଂଗଠନିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୋଳମୁଣ୍ଡାଇସ୍ଥିତ କଟକ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା। ବୈଠକରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଧାୟକ ସୌଭିକ ବିଶ୍ୱାଳଙ୍କ ଉପରେ ନିଆଯାଇଥିବା କଠୋର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟସଭା ନିର୍ବାଚନ ବେଳେ ଦଳୀୟ ହ୍ୱିପ୍‌କୁ ଅବମାନନା କରି ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ କ୍ରସ୍ ଭୋଟିଂ କରିଥିବା ହେତୁ ସୌଭିକଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ସେହିପରି ଦଳର ଭାବମୂର୍ତ୍ତି କ୍ଷୁଣ୍ଣ କରିବା ଓ ଦୁର୍ନୀତିରେ ଲିପ୍ତ ରହିବା ଅଭିଯୋଗରେ ତାଙ୍କ ବାପା ପ୍ରଭାତ ବିଶ୍ୱାଳଙ୍କୁ ମଧ୍ୟ ବହିଷ୍କୃତ କରାଯାଇଛି। ମୁଖ୍ୟଅତିଥି ଭାବେ ବିରୋଧୀ ଦଳ ନେତାଙ୍କ ରାଜନୈତିକ ସଚିବ ଡଃ ସନ୍ତୃପ୍ତ ମିଶ୍ର ଯୋଗଦେଇ କହିଥିଲେ ଯେ, ଦଳୀୟ ଆଶୀର୍ବାଦ ଓ କର୍ମୀଙ୍କ ପରିଶ୍ରମରେ ବିଧାୟକ ହୋଇ ଏବେ ବିଶ୍ୱାସଘାତକତା କରୁଥିବା ବ୍ୟକ୍ତିଙ୍କ ପ୍ରତି ସଜାଗ ରହିବା ଆବଶ୍ୟକ। ବ୍ୟକ୍ତି ନୁହେଁ, ବରଂ ଦଳ ଓ ନବୀନ ବାବୁଙ୍କ ନୀତି ପ୍ରତି ନିଷ୍ଠାର ସହ କାମ କରିବାକୁ ସେ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ, ବିଶ୍ୱାସଘାତକତା କରିଥିବା ବ୍ୟକ୍ତିଙ୍କୁ ଭୋଟର ଉଚିତ୍ ଜବାବ ଦେବେ। ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ୱାର୍ଡ ସ୍ତରରୁ କମିଟି ପୁନର୍ଗଠନ କରାଯାଇ ନୂତନ କର୍ମକର୍ତ୍ତା ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଥିଲେ। ବରିଷ୍ଠ

**ୱାର୍ଡସ୍ତରରୁ ସଂଗଠନକୁ ମଜବୁତ କରିବାକୁ ସନ୍ତୃପ୍ତ ଓ ପ୍ରତାପଙ୍କ ଆହ୍ୱାନ**

କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆଙ୍କ ସଂଯୋଜନା ଓ ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତିଙ୍କ ଆୟୋଜନରେ ଅନୁଷ୍ଠିତ ସାଂଗଠନିକ ବୈଠକରେ ପୂର୍ବତନ ମେୟର ଅନିତା ବେହେରା ଓ ମିନାକ୍ଷୀ ବେହେରା, କର୍ପୋରେଟର ଦିପ୍ତିମୟୀ ମୂଳିଆ ଓ ପ୍ରଦୀପ ସାହୁ, ପୂର୍ବତନ କର୍ପୋରେଟର ପ୍ରଫୁଲ୍ଲ ବେହେରା, ଚିରଞ୍ଜୟ ସାହୁ, ଜୟଦେବ ଜେନା, ରଞ୍ଜିତା କାହାଳୀଙ୍କ ସମେତ ରାଜେନ୍ଦ୍ର ରଣା, ଦେବେନ୍ଦ୍ର କାହାଳୀ, ଶିଶିର ପରିଜା, ନିଶିଥ କରଣ, ୱାର୍ଡ ସଭାପତିଙ୍କ ମଧ୍ୟରେ ବିଜୟ ଭୂୟାଁ, କାର୍ତ୍ତିକେଶ୍ୱର ଓଝା, କେଦାରନାଥ ତରାଇ, ସାରଙ୍ଗନାଥ ଷଡ଼ଙ୍ଗୀ, ସତ୍ୟବ୍ରତ ପଟ୍ଟନାୟକ, ମନୋରଞ୍ଜନ ସାହୁ, ବିଷ୍ଣୁ ଚରଣ ସାହୁ, ବିନୟ ଚୌଧୁରୀ, ସୋମିତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡେପୁଟି-ମେୟର ଦମୟନ୍ତୀ ମାଝୀ ଧନ୍ୟବାଦ୍ ଦେଇଥିଲେ।

**କମିସନରେଟ୍ ପୁଲିସର ବିଚିତ୍ର ବ୍ୟବସ୍ଥା**

# ଗାଦିମାଡ଼ି ବସିଥିବା ଅଫିସରଙ୍କ ହେଉନି ବଦଳି

କଟକ,୨୬।୪(ସମିସ): କମିସନରେଟ୍ ପୁଲିସର କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା ଏବଂ ପାରିବାପଣିଆକୁ ନେଇ ପ୍ରଶ୍ନ ଉଠିଛି। ରାଜ୍ୟ ଗୃହ ବିଭାଗର ବଦଳି ଆଇନକୁ କଟକ ୟୁପିଡ଼ିରେ ପାଳନ କରାଯାଉନଥିବା ବେଳେ ଏକାଧିକ ପୁଲିସ ବାବୁ ଥାନାରେ ଗାଦିମାଡ଼ି ବସି ରହିଛନ୍ତି। ଯଦିଓ ପୂର୍ବରୁ ସେମାନଙ୍କର ବଦଳି ନିର୍ଦ୍ଦେଶ ଆସିଛି, ତାହାକୁ ଖାତିର୍ ନକରି ଉଚ୍ଚପଦସ୍ଥ ଅଫିସରଙ୍କୁ ଧରାଧରି କରି ଗୋଟିଏ ଥାନାରେ ମନଇଚ୍ଛାରେ ଅବସ୍ଥାପିତ ହୋଇଛନ୍ତି। ଯାହାକୁ ନେଇ କଟକ ୟୁପିଡିରେ କାର୍ଯ୍ୟରତ ଅନ୍ୟ ପୁଲିସ ଅଫିସରମାନେ ପ୍ରଶ୍ନ ଉଠାଇଛନ୍ତି। କେଉଁ ନିୟମ ବଳରେ ଏବଂ କେଉଁ ଆଧାରରେ ସମ୍ପୃକ୍ତ ପୁଲିସ ବାବୁ ବର୍ଷ ବର୍ଷ ଧରି ଗୋଟିଏ ଥାନାରେ ଡ୍ୟୁଟି କରୁଛନ୍ତି, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

କଟକ ୟୁପିଡିରେ ଟ୍ରାଫିକ, ଏନର୍ଜି ଓ ମହିଳା ଥାନାକୁ ମିଶାଇ ପାଖାପାଖି ୨୧ଟି ଥାନା କାର୍ଯ୍ୟକ୍ଷମ ରହିଛି। ୧୭ଟି ଥାନା ମଧ୍ୟରୁ ୧୦ଟି ଥାନାରେ ପୁଲିସ ବାବୁଙ୍କର ବଦଳି ହେଉନାହିଁ। ନିୟମ ଅନୁସାରେ, ଜଣେ ପୁଲିସ ଅଧିକାରୀ, ହାବିଲଦାର୍ ଏବଂ କନେଷ୍ଟବଳ ଗୋଟିଏ ଥାନାରେ ସର୍ବାଧିକ ୨ବର୍ଷ ରହି ପାରିବେ। କେତେକ କ୍ଷେତ୍ରରେ ପ୍ରଶାସନିକ ଆବଶ୍ୟକତା, କାର୍ଯ୍ୟଦକ୍ଷତା ଏବଂ ବିଭାଗୀୟ ଅନୁମତି ହାସଲ କଲା ପରେ ଏହାକୁ ଆଉ ୧ ବର୍ଷ ବଢ଼ାଇ ଦିଆଯିବାର ନିୟମ ରହିଛି। ଜଣେ ପୁଲିସ ଅଧିକାରୀ ଗୋଟିଏ ଥାନାରେ ୩ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ ବୋଲି ଗୃହ ବିଭାଗର ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି। ଏହାସତ୍ତ୍ୱେ କଟକ ସହରର ବାଦାମବାଡ଼ି ଥାନା, ସିଆର୍‌ଆର୍‌ଆଇ ଥାନା, ଚାଉଳିଆଗଞ୍ଜ ଥାନା, ପୁରୀଘାଟ ଥାନା, ଲାଲବାଗ ଥାନା, ଦରଘାବଜାର ଥାନା, ସଦର ଥାନା, କନ୍ଦରପୁର ଥାନା, କ୍ୟାଣ୍ଟନମେଣ୍ଟ ଥାନା ଏବଂ ମାଲଗୋଦାମ ଥାନାରେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଅଭିଯୋଗ ଉଠିଛି।

■ ବାଦାମବାଡ଼ି ଥାନା ଏସ୍‌ଆଇଙ୍କ ସର୍ବାଧିକ ୭ ବର୍ଷ

■ କଟକ ୟୁପିଡିର ୧୦ଟି ଥାନାରେ ସମାନ ଅବସ୍ଥା

■ ସରକାରୀ ନିୟମକୁ ଫୁ': ହେଉନି ବିଭାଗୀୟ କାର୍ଯ୍ୟାନୁଷ୍ଠାନ

ସୂଚନା ଅନୁସାରେ, ସିଆରଆରଆଇ ଥାନାରେ ଜଣେ ଏସଆଇ ୪ବର୍ଷ, କ୍ୟାଣ୍ଟନମେଣ୍ଟ ଥାନାରେ ୨ଜଣ ଏଏସଆଇଙ୍କ ମଧ୍ୟରୁ ଜଣେ ୭ବର୍ଷ ଓ ଅନ୍ୟ ଜଣେ ୬ ବର୍ଷ ହେବ କାର୍ଯ୍ୟ କରୁଛନ୍ତି। ସେହିପରି ଚାଉଳିଆଗଞ୍ଜ ଥାନାରେ ପୂର୍ବରୁ ଏସଆଇ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବର୍ତ୍ତମାନର ଜଣେ ଅତିରିକ୍ତ ଇନ୍ସପେକ୍ଟର ସାଢ଼େ ୬ବର୍ଷ ଓ ଅନ୍ୟ ଜଣେ ଏଏସଆଇ ୬ବର୍ଷ, ସିଆରଆରଆଇ ଥାନାରେ ଜୈନେକ ଏସଆଇ ୪ବର୍ଷ, ସିଏନ୍‌ବିଟି ଫାଣ୍ଡିର ଜଣେ ଏସଆଇ ସାଢ଼େ ୬ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଛନ୍ତି। ବିଶେଷ କରି ବାଦାମବାଡ଼ି ଥାନାରେ ଜଣେ ଏସଆଇ ସର୍ବାଧିକ ୭ ବର୍ଷ ହେବ କାର୍ଯ୍ୟ କରୁଥିଲେ ମଧ୍ୟ ତାଙ୍କର ବଦଳି ହେଉନାହିଁ। ସେ ନିଜ ଆସ୍ଥାନ ଜାବୁଡ଼ି ଧରି ବସି ରହିଛନ୍ତି। ସେହିପରି ପୁରୀଘାଟ ୪ ଜଣ କନେଷ୍ଟବଳ ୭ ବର୍ଷରୁ ଅଧିକ, ଲାଲବାଗ ଥାନାରେ ଜଣେ ଏଏସଆଇ ୪ ବର୍ଷ, ଚୌଦ୍ୱାର ଥାନାର ଅତିରିକ୍ତ ଇନ୍ସପେକ୍ଟର ଭାବେ ୪ ବର୍ଷ, ଅନ୍ୟ ଜଣେ ଏଏସଆଇ ୪ ବର୍ଷ, ସଦର ଥାନାରେ ଜଣେ ଏଏସସଆଇ ୪ ବର୍ଷ, ମର୍କତନଗର ଥାନାରେ ୩ ଜଣ କନେଷ୍ଟବଳ ୪ ବର୍ଷରୁ ଅଧିକ, କନ୍ଦରପୁର ଥାନାରେ ଜନୈକ ଏଏସଆଇ ୪ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଛନ୍ତି। ଏଠାରେ ସୂଚନାଯୋଗ୍ୟ, ବର୍ଷେ ପୂର୍ବରୁ ସମ୍ପୃକ୍ତ କନ୍ଦରପୁର ଏଏସଆଇଙ୍କର ଭୁବନେଶ୍ୱର ଖଣ୍ଡଗିରି ଥାନାକୁ ବଦଳି ହୋଇଥିଲା, ଯାହାକି ଏବେ ବି କାୟମ ରହିଛି। ହେଲେ ବାବୁଜଣକ ସେଠାକୁ ନ ଯାଇ କନ୍ଦରପୁର ଥାନାରେ କାର୍ଯ୍ୟ କରୁଛନ୍ତି। ଏମାନେ କେମିତି ନିୟମକୁ ଖାତିର୍ ନ କରି ଗୋଟିଏ ଥାନାରେ କାର୍ଯ୍ୟ କରୁଛନ୍ତି, ତାହା ଜଣାପଡୁନାହିଁ। ତୁରନ୍ତ ଏମାନଙ୍କୁ ଅନ୍ୟତ୍ର ବଦଳି କରିବାକୁ କଟକ ୟୁପିଡ଼ିରେ ଅନ୍ୟ ପୁଲିସ ଅଧିକାରୀମାନେ ଦାବି ଉଠାଇଛନ୍ତି।



## ତାତିରେ ଡହଳ ବିକଳ ଜନତା

# କାଗଜକଲମରେ ସୀମିତ ଜଳଛତ୍ର

ଭଦ୍ରେଶ୍ୱର,୨୬।୪(ସମିସ)

- ଟୋପାଏ ପାଣି ପାଇଁ ସଂଘର୍ଷ କରୁଛନ୍ତି ପଥିକ ଓ ଗୋରୁଗାଈ
- ଅଚଳ ପଡ଼ିଛି ସରକାରୀ ନଳକୂପ
- ଜଳଛତ୍ର ଖୋଲା ନ ଯାଇ ଅର୍ଥ ଆତ୍ମସାତ୍ ପାଇଁ ମସୁଧା

ସମଗ୍ର ମାହାଙ୍ଗା ବ୍ଲକ ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସକାଳ ୮ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଥିବା ବେଳେ ମଧ୍ୟାହ୍ନର ଝାଞ୍ଜି ପବନ ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରୁଛି। ଏପରି ସଙ୍କଟଜନକ ସ୍ଥିତିରେ ବ୍ଲକ ପ୍ରଶାସନ ତରଫରୁ ସର୍ବସାଧାରଣ ସ୍ଥାନରେ ଜଳଛତ୍ର ଖୋଲାଯିବାର ବ୍ୟବସ୍ଥା ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ରାଜକୋଷରୁ ଜଳଛତ୍ର ନିମନ୍ତେ ଅର୍ଥ ବ୍ୟୟବରାଦ ହୋଇଥିଲେ ହେଁ, ବ୍ଲକ ପ୍ରଶାସନ କାଗଜ କଲମରେ ଜଳଛତ୍ର ଦର୍ଶାଇ ଅର୍ଥ ହଡ଼ପ କରିବା ପାଇଁ ମସୁଧା ଚଳାଇଥିବା ନେଇ ସଙ୍ଗୀନ ଅଭିଯୋଗ ଉଠିଛି। ଅସହ୍ୟ ତାତି ଯୋଗୁଁ ସ୍ଥାନୀୟ ଅଞ୍ଚଳର ପୋଖରୀ ଓ ଗଡ଼ିଆଗୁଡ଼ିକ ଶୁଖିଗଲାଣି। ଭୂତଳ ଜଳସ୍ତର ହ୍ରାସ ପାଇବା ସହ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ସରକାରୀ ନଳକୂପଗୁଡ଼ିକ ଅଚଳ ହୋଇ ପଡ଼ିରହିଛି। ମଣିଷ ତ ଦୂରର କଥା, ଗାଈଗୋରୁ ଓ ଛେଳିମେଣ୍ଢାମାନେ ଟୋପାଏ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି। ଏଭଳି ସ୍ଥିତିରେ ପ୍ରଶାସନ ପକ୍ଷରୁ କୌଣସି ତ୍ୱରିତ ପଦକ୍ଷେପ ନିଆ ନ ଯିବା ସରକାରଙ୍କ "ସୁଜଳ' ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀସ୍ତରରେ ଜଳଛତ୍ରର ଚିହ୍ନବର୍ଣ୍ଣ ନ ଥିବା ବେଳେ କେତେକ ସ୍ୱେଚ୍ଛାସେବୀ ସଂଗଠନ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ନିଜସ୍ୱ ଉଦ୍ୟମରେ କାଁ ଭାଁ ଜଳଛତ୍ର ଖୋଲାଯାଇ ପଥିକମାନଙ୍କୁ ପାଣି ଯୋଗାଇ ଦିଆଯାଉଛି। ମାତ୍ର ବ୍ଲକର ପ୍ରମୁଖ ଛକ ଓ ବଜାରମାନଙ୍କରେ ସରକାରୀ ଜଳଛତ୍ର ନ ଥିବାରୁ ଦୂରଦୁରାନ୍ତରୁ ଆସୁଥିବା ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ପକ୍ଷରୁ ଜଳଛତ୍ର ନିମନ୍ତେ ଯୋଗାଇ ଦିଆଯାଉଥିବା ଅର୍ଥ କୁଆଡ଼େ ଯାଉଛି ଏବଂ କେଉଁ ଆଧାରରେ ବ୍ଲକ ପ୍ରଶାସନ ଏପର୍ଯ୍ୟନ୍ତ ନୀରବ ରହିଛି, ତାହାର ତଦନ୍ତ ପାଇଁ ଦାବି ହୋଇଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ବ୍ଲକର ପ୍ରତ୍ୟେକ ପଞ୍ଚାୟତ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପାନୀୟ ଜଳର ସୁବିଧା କରିବାକୁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି।

## ନିଖୋଜ ନାବାଳିକାର ମିଳୁନି ପତ୍ତା; ଚିନ୍ତାରେ ପରିବାର

ଭଦ୍ରେଶ୍ୱର,୨୬।୪(ସମିସ): ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା କୁରୁଜଙ୍ଗା ଗ୍ରାମପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକା ନିଖୋଜ ହୋଇଯାଇଥିବାର ପରିବାର ତରଫରୁ ଥାନାରେ ଅଭିଯୋଗ ହୋଇଛି। ନାବାଳିକାର ପତ୍ତା ମିଳୁ ନ ଥିବା କାରଣରୁ ପରିବାର ଚିନ୍ତାରେ ଭାଙ୍ଗି ପଡିଛନ୍ତି। କୁରୁଜଙ୍ଗା ଗ୍ରାମପଞ୍ଚାୟତ ସବଳକଣା ଗ୍ରାମର ଜଣେ ନାବାଳିକା ରହସ୍ୟଜନକ ଭାବେ ଗତ ୧୩ ତାରିଖଠାରୁ ନିଖୋଜ ଅଛନ୍ତି। ଏ ସମ୍ପର୍କରେ ନାବାଳିକାର ପରିବାର ତରଫରୁ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଭଦ୍ରେଶ୍ୱର ଥାନା ପୁଲିସ ନାମକୁ ମାତ୍ର ମାମଲା ରୁଜୁ କରି ହାତବାନ୍ଧି ବସିଛି। ନାବାଳିକାକୁ ଉଦ୍ଧାର କରିବା ଦିଗରେ ପୁଲିସର କୌଣସି ଆନ୍ତରିକତା ପ୍ରକାଶ ପାଉ ନ ଥିବା କାରଣରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ନାବାଳିକାକୁ ଅପହରଣ କରାଯାଇଛି ନା ପ୍ରେମଜନିତ କାରଣରୁ ସେ ଫେରାର ହୋଇଯାଇଛି ତାହା ନେଇ ସାଧାରଣରେ ନା ନା ପ୍ରଶ୍ନ ଉଙ୍କିମାରୁଛି। ସୂଚନାଥାଉକି ଏହି ଥାନା ଅଞ୍ଚଳରେ ଦିନକୁ ଦିନ ନାବାଳିକା ନିଖୋଜ ସଂଖ୍ୟା ବୃଦ୍ଧିପାଉଥିବା କାରଣରୁ ପୁଲିସ ନିମନ୍ତେ ଚିନ୍ତା ଓ ମୁଣ୍ଡବ୍ୟଥାର କାରଣ ପାଲଟିଛି।

## ଦେମାଣ୍ଡୋ ବାଲିଘାଟରେ ୧୬୩ ଧାରା

ନିଶ୍ଚିନ୍ତକୋଇଲି,୨୬।୪(ସମିସ): ନିଶ୍ଚିନ୍ତକୋଇଲି ତହସିଲ ଅଧୀନସ୍ଥ ଲୁଣାନଦୀର ଦେମାଣ୍ଡୋସ୍ଥିତ ବାଲିଘାଟରେ ଭାରତୀୟ ନ୍ୟାୟ ସଂହିତା ୧୬୩ ଧାରା ଲାଗୁ ହୋଇଛି। ଏହି ଘାଟରୁ ବାଲି ଉଠାଣ ପାଇଁ ସଂପୂର୍ଣ୍ଣ ନିଷେଧାଦେଶ କରାଯାଇଥିଲେ ମଧ୍ୟ ସ୍ୱଷ୍ଟ ଦିବାଲୋକରେ ଏଥିରୁ ଅବାଧରେ ଶହ ଶହ ଟ୍ରିପ୍ ବାଲି ଉଠାଯାଉଛି। ଲଘୁ ଖଣିଜ ପଦାର୍ଥ ନିର୍ଦ୍ଦେଶକଙ୍କ ପତ୍ରକୁ ଭିତ୍ତି କରି କଟକ ସଦର ଉପଜିଲ୍ଲାପାଳ ଏହି ଘାଟରେ ୧୬୩ ଧାରା ଲାଗୁ କରିଥଲେ ମଧ୍ୟ କାହା ନିର୍ଦ୍ଦେଶରେ ଏଠାରୁ ଅବାଧ ବାଲି ଉଠାଣ ଚାଲିଛି ସେନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖାଯାଇଛି। ବିଭିନ୍ନ ନଦୀରେ ଥିବା ୧୧ଟି ବାଲିଘାଟର ଅବଧିଶେଷ ହୋଇଥିଲା ବେଳେ ଦେମାଣ୍ଡୋ ବାଲିଘାଟରୁ ପ୍ରବଳମାତ୍ରାରେ ବାଲି ଉଠାଣ ଯୋଗୁ ସରକାରଙ୍କ ବହୁ ରାଜସ୍ୱହାନି ହେଉଥିବା ଜଣାଯାଇଛି। ଏ ସଂକ୍ରାନ୍ତରେ ଲଘୁ ଖଣିଜ ଦ୍ରବ୍ୟ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ନେମାଳ ଥାନା ପୁଲିସଙ୍କ ସହାୟତରେ କନିଷ୍ଠ ଖଣି ଅଧିକାରୀ ଜ୍ଞାନରଞ୍ଜନ ବେହେରା ଏହି ଘାଟର ଗଡାକୁ ଜେସିବି ଦ୍ୱାରା ଖୋଳି ବିଚ୍ଛିନ୍ନ କରିଦେଇଥିବା ଜଣାଯାଇଛି।

## କ୍ଷେତ୍ରପାଳିକାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି



ଚୌଦ୍ୱାର,୨୬।୪(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ବଡ଼ଚାଣ୍ଡୋ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ କ୍ଷେତ୍ରପାଳିକାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜଗତକଲ୍ୟାଣ ନିମନ୍ତେ ପ୍ରତିବର୍ଷ ଭଳି ଚଳିତବର୍ଷ ଆସନ୍ତା ୨୭ ତାରିଖରୁ ଯଜ୍ଞ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତି ଅନୁଷ୍ଠିତ ହେବ ବୋଲି ଆୟୋଜିତ ପ୍ରସ୍ତୁତି ବୈଠକରେ ପୀଠର ପୂଜକ ବାବା ବିଜୟାନନ୍ଦ ଦାସ ମହାରାଜ ଓ ଯଜ୍ଞ କମିଟିର ସଭାପତି ମାୟାଧର ମଲ୍ଲିକ ବୈଠକରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗଙ୍ଗବଂଶ ଶାସନ କାଳରୁ ଏହି ପୀଠର ମହାତ୍ମ୍ୟ ରହିଥିବା ଏବଂ ମା'ଙ୍କ କୃପାରୁ ମାନସିକଧାରୀଙ୍କ ମାନସିକ ପୂରଣ ହୋଇଥାଏ ବାଲି ଜନମାନସରେ ବିଶ୍ୱାସ ରହିଛି। ଏହି ପୂରାତନ ଯଜ୍ଞାନୁଷ୍ଠାନରେ ପ୍ରତିବର୍ଷ ହଜାର ହଜାର ସଂଖ୍ୟର ଶ୍ରଦ୍ଧାଳୁ ଯୋଗଦେଇ ଯଜ୍ଞ କୁଣ୍ଡରେ ଘୃତ ଓ ନଡିଆ ଅର୍ପଣ କରିଥାନ୍ତି। ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଓ ଜନଗହଳିକୁ ଲକ୍ଷ ରଖି ଭକ୍ତମାନେ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ଯଜ୍ଞ କମିଟି ତରଫରୁ ବିଭିନ୍ନ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଛି। ଦୀର୍ଘ ୪ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ସହିତ ଏଥିରେ ବହୁ ସାଧୁସନ୍ଥଙ୍କ ଯୋଗଦାନ ଓ ଅପେରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜନ କମିଟି ତରଫରୁ ସୂଚନା ଦିଆଯାଇଛି। ଯଜ୍ଞ କମିଟିର ସମ୍ପାଦକ ନବୀନ ସିଂହ ଗତବର୍ଷର ଆୟ ଓ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମା'ଙ୍କ ବିଭୁକୃପା ଲାଭ କରିବା ପାଇଁ ଅଞ୍ଚଳର ଜନସାଧାରଣଙ୍କୁ କମିଟି ତରଫରୁ ଅନୁରୋଧ କରାଯାଇଛି।

## ହିମାଂଶୁ ଉତ୍କଳ ନବରତ୍ନ ସମ୍ମାନରେ ସମ୍ମାନିତ



କଟକ,୨୬।୪(ସମିସ): ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ କଟକ କଳାବିକାଶ କେନ୍ଦ୍ରରେ ରବିବାର ପ୍ରତିଭା ପୂଜା ଓ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ଲୋକସେବା ଫାଉଣ୍ଡେସନ ତଥା ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ହିମାଂଶୁ କୁମାର ମହାନ୍ତିଙ୍କୁ ଉତ୍କଳ ନବରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିବା ଜଣାପଡିଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଅନ୍ୟତମ ଅତିଥିଭାବେ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତିର୍ତ୍ତୋଲ ବିଧାୟକ ଉମାକାନ୍ତ ଭୋଇ ଓ କଟକ ଅତିରିକ୍ତ ଜିଲ୍ଲାପାଳ ଅମରଜିତ୍ ଦାସ ପ୍ରମୁଖ ଯୋଗଦେଇ ଶ୍ରୀ ମହାନ୍ତିଙ୍କୁ ଉତ୍କଳ ନବରତ୍ନ ସମ୍ମାନ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଶ୍ରୀ ମହାନ୍ତି ଟାଙ୍ଗୀ ସାଲେପୁର ଅଞ୍ଚଳରେ ରକ୍ତଦାନ ଶିବିର, ଚାରାରୋପଣ, ସ୍ୱାସ୍ଥ୍ୟ ଶିବିର, ଗରିବ ନିଃସହାୟ ପରିବାରକୁ ସହଯୋଗ ଆଦି କାର୍ଯ୍ୟ କରିଥିବାରୁ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି। ଏହି ଅବସରରେ ଟାଙ୍ଗୀ ସାଲେପୁର ଅଞ୍ଚଳର ବିଭିନ୍ନ ବ୍ୟକ୍ତି ବିଶେଷ ଶ୍ରୀ ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇଥିବା ଜଣାପଡିଛି।

## ଗୋଚର ଜମିରେ ରାସ୍ତା ଓ ଡ୍ରେନ୍ ନିର୍ମାଣ ଅଭିଯୋଗ



ନିଶ୍ଚିନ୍ତକୋଇଲି,୨୬।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପକ୍ଷରୁ ସୁକରପଡ଼ା ପଞ୍ଚାୟତରେ ଏକ ଗୋଚର ଜମିରେ ଢଳେଇ ରାସ୍ତା ଏବଂ ଏହା ପାଶ୍ୱର୍ରେ ଜଳନିଷ୍କାସନ ନିମନ୍ତେ ଏକ ଡ୍ରେନ୍ ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯିବା ପାଇଁ ସାଧାରଣରେ ଦାବି ହେଉଛି। ସୂଚନା ଥାଉକି, ବ୍ଲକ୍ ପ୍ରଶାସନ ତରଫରୁ ନିକଟରେ ଜମରା ଗ୍ରାମପଞ୍ଚାୟତର କମଳପୁର ଗ୍ରାମରେ ଏକ ଗୋଚର ଓ ଶ୍ମଶାନ କିସମ ଜମି ଉପରେ ପ୍ରଶାସନ ତରଫରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଲୋକମାନଙ୍କର ଅଭିଯୋଗ ପରେ ଓଡିଶା ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ଏହି ପ୍ରକଳ୍ପ ଗୁଡିକୁ ପ୍ରଶାସନ ତରଫରୁ ଭାଙ୍ଗି ଦିଆଯାଇଥିଲା। ଫଳରେ ବ୍ଲକ ପ୍ରଶାସନର ଦାୟିତ୍ୱ ହୀନତା କାରଣରୁ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଥିଲା। ପୂର୍ବରୁ ଏଭଳି ଘଟଣା ଘଟିଥିଲେ ମଧ୍ୟ ପ୍ରଶାସନର ଚେତା ପଶି ନଥିବା ବେଳେ କାହା ସ୍ୱାର୍ଥରେ ପୁନର୍ବାର ସୁକରପଡା ପଞ୍ଚାୟତରେ ପୁଣି ସେହି ଭୁଲ କରାଯାଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ପଞ୍ଚଦଶ ଅର୍ଥ କମିସନ ଯୋଜନା ଅନୁଦାନରେ ସୁକରପଡା ଗ୍ରାମପଞ୍ଚାୟତ ହଳଧରପୁର ଗ୍ରାମର ସୁରିଆ ମଳିକଙ୍କ ଘରଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଢଳେଇ ରାସ୍ତା ଓ ଡ୍ରେନ ନିର୍ମାଣ କରାଯିବା ନିମନ୍ତେ ଅର୍ଥ ମଞ୍ଜୁର କରାଯାଇଥିଲା। ଏହି ଅର୍ଥ ୨୦୨୪-୨୫ ଆର୍ଥିକ ବର୍ଷରେ ମଞ୍ଜୁର କରାଯାଇଥିଲେ ମଧ୍ୟ ଏହା କାର୍ଯ୍ୟ ହୋଇ ପାରି ନଥିଲା। ଏବେ ବ୍ଲକ ପ୍ରଶାସନ ପକ୍ଷରୁ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ କେତେକ ଅନାମଧେୟ ଠିକାଦାର ଏହି କାର୍ଯ୍ୟ କରିଥିବାର ଦେଖାଯାଇଛି। କାର୍ଯ୍ୟ ବେଳେ ସଂପୃକ୍ତ ଯନ୍ତ୍ରୀ ଜଣକ ସଠିକ୍ ଭାବେ ତଦନ୍ତ କରୁ ନଥିବାରୁ ଏହା ସଂପୂର୍ଣ୍ଣ ସରକାରୀ ଅଟକଳର ଊର୍ଦ୍ଧ୍ୱରେ କରାଯାଉଥିବାର ଦେଖିବାକୁ ମିଳିଛି। ଏଥିରେ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇ କାର୍ଯ୍ୟ କରାଯାଉଛି। ଏ ସଂକ୍ରାନ୍ତରେ ଏକ ବିଧିବଦ୍ଧ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କଟକ ଜିଲ୍ଲାପାଳ ଓ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ସାଧାରଣରେ ଦାବି ହୋଇଛି।

## ଗୋକର୍ଣ୍ଣଖାଲ ଗ୍ରାମକୁ ଜଳଯୋଗାଣ ସ୍ୱାଭାବିକ



ତିଗିରିଆ,୨୬।୪(ସମିସ): ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି। ତିଗିରିଆ ବ୍ଲକ ଭୋଗଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋକର୍ଣ୍ଣଖାଲ ଗ୍ରାମରେ ଗତ ୪ ଦିନ ଧରି ଲାଗି ରହିଥିବା ପାନୀୟଜଳ ସଙ୍କଟର ସମାଧାନ ହୋଇଛି। ରବିବାର ବିଭିନ୍ନ ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ପ୍ରସାରିତ ହେବା ପରେ ଜଳଯୋଗାଣ ବିଭାଗ ପଦକ୍ଷେପ ଗ୍ରହଣ କରିଛି।

ସୂଚନା ଅନୁଯାୟୀ, ଗୋକର୍ଣ୍ଣଖାଲ ଗ୍ରାମର ୭, ୮ ଓ ୯ ନମ୍ବର ୱାର୍ଡର ଶତାଧିକ ପରିବାରକୁ ପାଣି ଯୋଗାଇବା ପାଇଁ ପ୍ରାୟ ୭ ବର୍ଷ ପୂର୍ବେ 'ବସୁଧା' ଯୋଜନାରେ ଏକ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ପମ୍ପ ଡ୍ରାଇଭର ଭାବେ ହେମନ୍ତ କୁମାର ପ୍ରଧାନଙ୍କୁ ପ୍ରଥମ ୫ ବର୍ଷ ଠିକାଦାର ଦରମା ପ୍ରଦାନ କରୁଥିବା ବେଳେ, ରକ୍ଷଣାବେକ୍ଷଣ ଅବଧି ଶେଷ ହେବା ପରେ ଦୁଇ ବର୍ଷ ଧରି ସେ ବିନା ଦରମାରେ କାର୍ଯ୍ୟ କରୁଥିଲେ। ହେମନ୍ତ ନିଜର ବକେୟା ଦରମା ପାଇଁ ବିଡିଓ, ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ପ୍ରତିବାଦ ସ୍ୱରୂପ ସେ ଗତ ୪ ଦିନ ହେବ ପମ୍ପ ହାଉସରେ ତାଲା ପକାଇ ଜଳଯୋଗାଣ ବନ୍ଦ କରିଦେଇଥିଲେ। ଆଜି ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଜଳଯୋଗାଣ ଯନ୍ତ୍ରୀ ହେମନ୍ତଙ୍କ ସହ ଯୋଗାଯୋଗ କରିଥିଲେ। ଯଥାଶୀଘ୍ର ତାଙ୍କର ବକେୟା ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସେ ପମ୍ପ ହାଉସ ତାଲା ଖୋଲି ଜଳଯୋଗାଣ କରିଛନ୍ତି।

## ଟେଟ୍ରାହେଡ୍ରନ୍ ପକ୍ଷରୁ ରକ୍ତଦାନ ଶିବିର

### ତନ୍ତିରା ଓ ଅଙ୍ଗଦରାଡିହରୁ ୧୧୨ ୟୁନିଟ୍ ରକ୍ତ ସଂଗ୍ରହ





ଟାଙ୍ଗୀ,୨୬।୪(ସମିସ): ଗ୍ରୀଷ୍ମ ଋତୁରେ ରକ୍ତର ଅଭାବ ହେତୁ ବହୁତ ରୋଗୀ ରକ୍ତ ଅଭାବର ସମ୍ମୁଖୀନ ହେଉଛନ୍ତି। ଉକ୍ତ ସମସ୍ୟାକୁ ଅନୁଭବ କରି ଟେଟ୍ରାହେଡ୍ରନ ଏଡୁକେସନାଲ ଟ୍ରଷ୍ଟ ପକ୍ଷରୁ ଟାଙ୍ଗୀ ଚୌଦ୍ୱାର ବ୍ଲକର ବିଭିନ୍ନ ଗ୍ରାମରେ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ହରିଅନ୍ତା ପଞ୍ଚାୟତ ତନ୍ତିରା ପ୍ରାଥମିକ ବିଦ୍ୟାଳୟ ଓ ନଖରା ପଞ୍ଚାୟତ ଅଙ୍ଗଦରାଡିହ କନକେଶ୍ୱର ମନ୍ଦିର ପରିସରରେ ରବିବାର ଦୁଇଟି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ତନ୍ତିରା ଶିବିରରୁ ୪୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲାବେଳେ ନଖରା ପଞ୍ଚାୟତ ତରଫରୁ ଅଙ୍ଗଦରାଡିହ ଶିବିରରୁ ୭୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଉଭୟ ଶିବିରରେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧକ୍ଷ ତ୍ରିଦେବ ବେହେରା ଓ ଜିଲ୍ଲା ଯୁବ ରେଡକ୍ରସର ସମ୍ପାଦିକା ଡ଼ ସସ୍ମିତା ପଟ୍ଟନାୟକ ଯୋଗ ଦେଇଥିଲେ। କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ର କଟକର ଚିକିତ୍ସକଙ୍କ ସମେତ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ତନ୍ତିରା ଗ୍ରାମର ମା' ବିମଳା କ୍ରିକେଟ କ୍ଲବର ପ୍ରଶାନ୍ତ ଦାସ, ମୁନା ବିଶ୍ୱାଳ, ଶିବୁନା ବାରିକ, ସୌମ୍ୟରଞ୍ଜନ ବେହେରାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିବାବେଳେ ନଖରା ପଞ୍ଚାୟତ ତରଫରୁ ଲିଙ୍ଗରାଜ ଦାସ, କୃଷ୍ଣ ମୋହନ ଷଡଙ୍ଗୀ, ହୃଷୀକେଶ ସାମଲ, ଚିତ୍ତରଞ୍ଜନ ସ୍ୱାଇଁ, ଜଗନ୍ନାଥ ମହାନ୍ତି, ଆନନ୍ଦ ନାୟକ, ଭଗବାନ ବେହେରା, ବେଣୁଧର ରାଉତ, ଆଲୋକ ଦାସ, ଡମ୍ବୁରୁଧର ବେହେରା, ବିଶ୍ୱଜିତ୍ ସିଂହ ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଅଭୟାନନ୍ଦ ମିଶ୍ରଙ୍କ ମୃତ୍ୟୁ



**ଶେଷ ଦର୍ଶନ କଲେ କଂଗ୍ରେସ ନେତୃବୃନ୍ଦ**

ନିଶ୍ଚିନ୍ତକୋଇଲି,୨୬।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକର ପୂର୍ବତନ କଂଗ୍ରେସ ସଭାପତି ସ୍ୱର୍ଗତ କେଶବ ଚନ୍ଦ୍ର ମିଶ୍ରଙ୍କ ପୁତ୍ର ଅଭୟାନନ୍ଦ ମିଶ୍ରଙ୍କର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗତ ଶନିବାର ରାତିରେ ଅଭୟାନନ୍ଦ ନିଶ୍ଚିନ୍ତକୋଇଲି ବଜାରରୁ ସ୍କୁଟି ଯୋଗେ ନିଜ ଗ୍ରାମ ଖଣ୍ଡସାହିକୁ ଫେରୁଥିବା ବେଳେ ଗୋପପୁର ପଣସପଡ଼ିଆ ଛକ ନିକଟରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ରବିବାର ମଧ୍ୟାହ୍ନରେ କଟକ ବଡ଼ ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ମରଶରୀର ନିଜ ବାସଭବନକୁ ଅଣାଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ଏକ ଶୋକାକୂଳ ପରିବେଶରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ସାନଭାଇ ଶାରଦାନନ୍ଦ ମିଶ୍ର ମୁଖାଗ୍ନି ପ୍ରଦାନ କରିଥିଲେ। ଏହି ଖବର ପାଇ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସ, ବ୍ଲକ ସଭାପତି ନାରାୟଣ ଦ୍ୱିବେଦୀ ଓ ମାହାଙ୍ଗା କଂଗ୍ରେସ ନେତା ଦେବେନ୍ଦ୍ର ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଅଭୟାନନ୍ଦଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।

## ମଧୁବାବୁ ଜୟନ୍ତୀ ବନ୍ଦ ପ୍ରସଙ୍ଗରେ ରାଜନୈତିକ ଉଷ୍ମତା



ସାଲେପୁର,୨୬।୪(ସମିସ): ସାଲେପୁରରେ ଦୀର୍ଘ ୨୦ ବର୍ଷ ଧରି ପାଳିତ ହୋଇଆସୁଥିବା ମଧୁବାବୁ ଜୟନ୍ତୀ ଉତ୍ସବ ଚଳିତ ବର୍ଷ ବନ୍ଦ ହେବାକୁ ନେଇ ସ୍ଥାନୀୟ ରାଜନୀତି ସରଗରମ ହୋଇଛି। ଜୟନ୍ତୀ କମିଟିର ଆବାହକ ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରା ବିଜେପି ନେତା ଅରିନ୍ଦମ ରାୟଙ୍କୁ ଏଥିପାଇଁ ଦାୟୀ କରିଥିବା ବେଳେ, ଆଜି ବିଜେପି ପକ୍ଷରୁ ଏହାର କଡ଼ା ଜବାବ ଦିଆଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଡାକବଙ୍ଗଳାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତ୍ରୀ ଅମିତା ସାହାଣୀ ପୂର୍ବତନ ବିଧାୟକଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଶ୍ରୀ ବେହେରା ଅଯଥାରେ ଦଳକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ବାସ୍ତବରେ ଚଳିତ ବର୍ଷ ମଧୁ ଜୟନ୍ତୀ ପାଳନ ପାଇଁ ତାଙ୍କର କୌଣସି ଆନ୍ତରିକତା କିମ୍ବା ପ୍ରସ୍ତୁତି ନ ଥିଲା। ବିଜେପି ପକ୍ଷରୁ ଫେବୃୟାରୀ ୨୩ରେ ସାଲେପୁର ଖେଳପଡ଼ିଆ ପାଇଁ କରାଯାଇଥିବା ଆବେଦନ ବିଷୟରେ ଜାଣି ମଧ୍ୟ ସେ କେବଳ ଏକ ବୈଠକ କରି ନିଶ୍ଚିତ ବସିଥିଲେ। ଅଧିକନ୍ତୁ, ଏପ୍ରିଲ ୨୩ ତାରିଖରେ ବିଜେପି ନିଜର ଆବେଦନ ପ୍ରତ୍ୟାହାର କରିନେଇଥିବା ସତ୍ତ୍ୱେ କମିଟି ପକ୍ଷରୁ ଉତ୍ସବ ପାଳନ କରାଯାଇ ନ ଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ମଣ୍ଡଳ ସଭାପତି ରମେଶ ନାୟକଙ୍କ ସମେତ ଯଶୋବନ୍ତ ରାଉତ, ସତ୍ୟଶିବ ସୁନ୍ଦର କର, ଚିତ୍ତରଞ୍ଜନ ଶତପଥି, ପ୍ରଭାତ ସ୍ୱାଇଁ ଏବଂ କିରଣ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ନିଶ୍ଚିନ୍ତକୋଇଲିରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ଗଠନ ହେଉନି କଲେଜ ପରିଚାଳନା କମିଟି

ନିଶ୍ଚିନ୍ତକୋଇଲି,୨୬।୪(ସମିସ)

- ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର
- ୪ଟି ପ୍ରମୁଖ ଡିଗ୍ରୀ କଲେଜରେ ଅଟକିଛି ଉନ୍ନୟନ କାର୍ଯ୍ୟ
- ରାଜନୈତିକ ଚାପ ଯୋଗୁଁ ପ୍ରକ୍ରିୟା ଅଟକିଥିବା ନେଇ ଚର୍ଚ୍ଚା

ରାଜ୍ୟରେ ଶାସନ ପରିବର୍ତ୍ତନ ପରେ ଶିକ୍ଷାନୁଷ୍ଠାନଗୁଡ଼ିକର ସଂସ୍କାର ପାଇଁ ପଦକ୍ଷେପ ନିଆଯାଉଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ବିଜେପି ସରକାରଙ୍କ ଶାସନକୁ ପ୍ରାୟ ଦୁଇ ବର୍ଷ ପୂରିବାକୁ ବସିଥିଲେ ହେଁ, ବ୍ଲକର କୌଣସି ଡିଗ୍ରୀ କଲେଜରେ ଅଦ୍ୟାବଧି ପରିଚାଳନା କମିଟି ଗଠନ କରାଯାଇ ନାହିଁ। ଏପରିକି କଟକ ଜିଲ୍ଲାପାଳଙ୍କ ଜରୁରୀକାଳୀନ ନିର୍ଦ୍ଦେଶକୁ ୬ ମାସ ବିତିଯାଇଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ ଓ କଲେଜ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, କଟକ ଜିଲ୍ଲାପାଳ ପତ୍ର ସଂଖ୍ୟା ୩୫୧୦, ୧୮.୧୦.୨୦୨୫ରେ ସମସ୍ତ ବେସରକାରୀ ଅନୁଦାନ ପ୍ରାପ୍ତ ଡିଗ୍ରୀ କଲେଜରେ ୧୫ ଦିନ ମଧ୍ୟରେ ପରିଚାଳନା କମିଟି ଗଠନ କରିବାକୁ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଅଧକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବ୍ଲକର ୪ଟି ପ୍ରମୁଖ କଲେଜ ଯଥା ପଞ୍ଚାୟତ ପ୍ରହଲ୍ଲାଦ ଡିଗ୍ରୀ ମହାବିଦ୍ୟାଳୟ, ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ଡିଗ୍ରୀ ମହାବିଦ୍ୟାଳୟ, ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ଡିଗ୍ରୀ ମହାବିଦ୍ୟାଳୟ ଓ ନତକାଇସ୍ଥିତ ବଲ୍ଲଭୀଦେବୀ ମହିଳା। ମହାବିଦ୍ୟାଳୟରେ ଏହି ପ୍ରକ୍ରିୟା କାର୍ଯ୍ୟକାରୀ ହୋଇପାରୁନାହିଁ। ପରିଚାଳନା କମିଟି ନ ଥିବାରୁ କଲେଜଗୁଡ଼ିକରେ ହେବାକୁ ଥିବା ବିଭିନ୍ନ ନିର୍ମାଣଧୀନ ଓ ଉନ୍ନୟନମୂଳକ କାର୍ଯ୍ୟ ପ୍ରଭାବିତ ହେଉଛି। ଶିକ୍ଷାଦାନ ଓ ପ୍ରଶାସନିକ ପରିଚାଳନାରେ ସମନ୍ୱୟ ରହୁ ନ ଥିବାରୁ କଲେଜର ଶୈକ୍ଷିକ ବାତାବରଣ ମଧ୍ୟ ଖରାପ ହେବାରେ ଲାଗିଛି। ଏହି ବିଳମ୍ବ ପଛରେ ରାଜନୈତିକ ଚାପ କାମ କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। କେଉଁ କାରଣରୁ ଉପଜିଲ୍ଲାପାଳ କିମ୍ବା କଲେଜ ଅଧକ୍ଷମାନେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁନାହାନ୍ତି, ତାହା ଏବେ ଏକ ବଡ଼ ପ୍ରଶ୍ନବାଚୀ। କଲେଜଗୁଡ଼ିକର ଭବିଷ୍ୟତ ଓ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାର ବିଧିବଦ୍ଧ ତଦନ୍ତ କରିବାକୁ ସ୍ଥାନୀୟ ବାସିନ୍ଦା ଓ ଅଭିଭାବକମାନେ ଉଚ୍ଚ ଶିକ୍ଷା ବିଭାଗ ନିକଟରେ ଦାବି କରିଛନ୍ତି। ଯଥାଶୀଘ୍ର ଯୋଗ୍ୟ ସଭ୍ୟଙ୍କୁ ନେଇ କମିଟି ଗଠନ କରା ନ ଗଲେ ଆଗାମୀ ଦିନରେ ଶିକ୍ଷାନୁଷ୍ଠାନର ପ୍ରଗତି ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।

## ରାମଚରିତ ମାନସ ପାରାୟଣ



ତିଗିରିଆ,୨୬।୪(ସମିସ): ତିଗିରିଆ ବ୍ଲକ ସୋମପଡ଼ା ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ୨୭ତମ ଶ୍ରୀ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଗ୍ରାମର ରାମଚରିତ ମାନସ ଶ୍ରଦ୍ଧାଳୁ ସଂଘ ଓ ସୋମପଡ଼ା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ୧୦ ଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଶୁଭାଧିବାସ ଓ ଏକ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ ଅନୁଷ୍ଠାନ ଶ୍ରୀ ଶ୍ରୀ ସଚ୍ଚିଦାନନ୍ଦ ଦାସ ମହାରାଜ ଓ ଆଚାର୍ଯ୍ୟ ପ୍ରଦ୍ୟୁମ୍ନ ମୋହନ ଦାଶଙ୍କ ପୌରହିତ୍ୟରେ ବୈଦିକ ରୀତିନୀତି ଅନୁଯାୟୀ ପରିଚାଳିତ ହେଉଛି। ପ୍ରତ୍ୟେକ ଦିନ ରାଜ୍ୟର ସୁନାମଧନ୍ୟ ପ୍ରବଚକଙ୍କ ଦ୍ୱାରା ଧର୍ମୀୟ ଆଲୋଚନା ଓ ପ୍ରବଚନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଆସନ୍ତା ମେ ୩ ତାରିଖରେ ମହାସମାରୋହରେ ଯଜ୍ଞର ପୂର୍ଣ୍ଣାହୁତି ସହ ଏହି କାର୍ଯ୍ୟକ୍ରମର ପରିସମାପ୍ତି ଘଟିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

